# NATIONAL NEWS BULLETIN (ODIA)
## 24th October - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ବ୍ରିକ୍ସ ସମ୍ମିଳନୀ ଅବସରରେ କାଜାନ୍‌ଠାରେ ଚୀନ୍ ରାଷ୍ଟ୍ରପତି ଷି. ଜିନ୍‌ପିଙ୍ଗ୍‌ଙ୍କ ସହିତ ଦ୍ୱିପକ୍ଷୀୟ ବୈଠକରେ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

— ଦୁଇ ଦେଶ ମଧ୍ୟରେ ଏକ ସ୍ଥିର ତଥା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିଶ୍ୱର ଶାନ୍ତି ଓ ସମୃଦ୍ଧି ଉପରେ ସକାରାତ୍ମକ ପ୍ରଭାବ ପକାଇ ବୋଲି ଉଭୟ ନେତାଙ୍କ ଦୃଢ଼ୋକ୍ତି ।

- ତିନି ଦିନିଆ ଭାରତ ଗସ୍ତରେ ଆଜିଠାରୁ ଆସୁଛନ୍ତି ଜର୍ମାନ୍ ଚାନ୍‌ସେଲର ଓଲାଫ୍ ସ୍କଲଜ୍ ।
- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀରେ ଚାଣକ୍ୟ ପ୍ରତିରକ୍ଷା ସମ୍ମିଳନୀକୁ କରିବେ ଉଦ୍‌ଘାଟନ ।
- ସାମୁଦ୍ରିକ ଝଡ଼ 'ଦାନା' ଆଜି ରାତିରୁ ଆସନ୍ତାକାଲି ସକାଳ ମଧ୍ୟରେ ଭିତରକନିକା ଓ ଧାମରା ମଧ୍ୟରେ ସ୍ପର୍ଶ କରିବ ସ୍ଥଳଭାଗ ।

ଏବଂ

- ପୁଣେଠାରେ ଆଜିଠାରୁ ଆରମ୍ଭ ହେବ ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ।

## ପି.ଏମ୍. - ଚୀନ୍ ମିଟ୍

ଭାରତ ଓ ଚୀନ୍ ମଧ୍ୟରେ ଥିବା ମତଭେଦ ଓ ବିବାଦକୁ ସଠିକ୍ ପରିଚାଳନା କରିବା ସହିତ ଶାନ୍ତି ବାଜାୟ ରଖିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱାରୋପ କରିଛନ୍ତି । କାଜାନ୍‌ଠାରେ ଅନୁଷ୍ଠିତ ଷୋଡ଼ଶ ବ୍ରିକ୍ସ ସମ୍ମିଳନୀ ଅବସରରେ ଚୀନ୍ ରାଷ୍ଟ୍ରପତି ଷି. ଜିନ୍‌ପିଙ୍ଗ୍‌ଙ୍କ ସହିତ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ସେ ଏହା କହିଛନ୍ତି । ଏହି ବୈଠକ ଅବସରରେ ଭାରତ-ଚୀନ୍ ସୀମା ବିବାଦ ସମ୍ପର୍କିତ ସ୍ୱତନ୍ତ୍ର ପ୍ରତିନିଧିମାନେ ଖୁବ୍‌ଶୀଘ୍ର ଏକ ବୈଠକରେ ଯୋଗଦେବା ସହିତ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ ନେତା ସମ୍ମତି ପ୍ରଦାନ କରିଛନ୍ତି । ଏଥିସହିତ ଏହି ପ୍ରତିନିଧିମାନେ ସମ୍ପୃକ୍ତ ସୀମା ବିବାଦର ଏକ ନ୍ୟାୟପୂର୍ଣ୍ଣ ତଥା ପାସ୍ପରିକ ଗ୍ରହଣୀୟ ସମାଧାନର ପନ୍ଥା ନିର୍ଣ୍ଣୟ କରିବେ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି । ଭାରତ ଓ ଚୀନ୍ ମଧ୍ୟରେ ଏକ ସ୍ଥିର ତଥା ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପକ୍ଷୀୟ ସମ୍ପର୍କ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଶାନ୍ତି ଓ ସମୃଦ୍ଧି

ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଶ୍ରୀ ମୋଦି ଓ ଶ୍ରୀ ଜିନ୍‌ପିଙ୍ଗ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଭାରତ-ଚୀନ ଦ୍ୱିପକ୍ଷୀୟ ସମ୍ପର୍କକୁ ରଣନୀତିକ ତଥା ଦୀର୍ଘମିଆଦି ଦୃଷ୍ଟିକୋଣରୁ ଅଗ୍ରଗତି କରିବା ସହିତ ପାରସ୍ପରିକ ଯୋଗାଯୋଗକୁ ବୃଦ୍ଧି କରିବା ଏବଂ ବିକାଶମୂଳକ ଆହ୍ୱାନଗୁଡ଼ିକର ମୁକାବିଲା ଲାଗି ଆପୋଷ ସହଯୋଗ ଉପରେ ଉଭୟ ନେତା ଗୁରୁତ୍ୱାରୋପ କରିଛନ୍ତି । ଦୁଇଦେଶ ମଧ୍ୟରେ ସୀମା ପ୍ରସଙ୍ଗରେ ଉପୁଜିଥିବା ସମସ୍ୟାର ସମାଧାନ ଦିଗରେ ସମ୍ପ୍ରତି ହୋଇଥିବା ଚୁକ୍ତିନାମାକୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ସୀମାରେ ଶାନ୍ତି ବଜାୟ ରଖିବା ସହିତ ପାରସ୍ପରିକ ବିଶ୍ୱାସ, ସମ୍ମାନ ଓ ସମ୍ବେଦନଶୀଳତା' ଭାରତ-ଚୀନ ସମ୍ପର୍କର ଆଧାର ହେବା ଉଚିତ । ଏଥିସହିତ ଉଭୟ ଦେଶ ଖୋଲା ହୃଦୟରେ ବିଭିନ୍ନ ସମସ୍ୟାର ସମାଧାନ ଲାଗି ଆଲୋଚନା କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସହ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ଉଭୟ ପକ୍ଷ ଲାଗି ବିଭିନ୍ନ କ୍ଷେତ୍ରରେ ଯୋଗାଯୋଗକୁ ଅଧିକ ସଶକ୍ତ କରିବା ଉପରେ ଶ୍ରୀ ଜିନ୍‌ପିଙ୍ଗ୍ ଗୁରୁତ୍ୱାରୋପ କରିଛନ୍ତି । ଏତଦ୍‌ବ୍ୟତୀତ ଦୁଇଦେଶ ମଧ୍ୟରେ ଥିବା ବିଭିନ୍ନ ପ୍ରସଙ୍ଗରେ ମତଭେଦ ତଥା ପାର୍ଥକ୍ୟଗୁଡ଼ିକୁ ସଠିକ୍ ଭାବେ ପରିଚାଳନା କରିବା ଏବଂ ପରସ୍ପରର ବିକାଶ ଆକାଂକ୍ଷାକୁ ସମ୍ମାନର ସହ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

## ପି.ଏମ୍. ଆରାଇଭଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷ୍‌ର କାଜାନ୍‌ଠାରେ ଅନୁଷ୍ଠିତବିକ୍ସ ସମ୍ମିଳନୀରେ ଯୋଗଦେଇ ଗତରାତିରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମୋଦି ଚୀନ୍ ରାଷ୍ଟ୍ରପତି ଷି. ଜିନ୍‌ପିଙ୍ଗ୍, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍, ନବନିର୍ବାଚିତ ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍‌ଙ୍କ ସହିତ ପୃଥକ୍ ପୃଥକ୍ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସେହିଭଳି ଶ୍ରୀ ମୋଦି ଉଦ୍‌ବେକିସ୍ତାନର ରାଷ୍ଟ୍ରପତି ସାଭ୍‌କାତ୍ ମିର୍ଜିୟୋୟେଭ୍ ଓ ସଂଯୁକ୍ତ ଆରବ ଏମିରେଟ୍‌ସ୍ ରାଷ୍ଟ୍ରପତି ସେକ୍ ମହମ୍ମଦ ବିନ୍ ଜାୟଦ୍ ଅଲ୍ ନାହ୍ୟାନ୍‌ଙ୍କ ସହିତ ମଧ୍ୟ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ଆଲୋଚନା କରିଛନ୍ତି ।

## ଜର୍ମାନ୍ ଚାନ୍‌ସେଲର - ଇଣ୍ଡିଆ

ଜର୍ମାନ୍ ଚାନ୍‌ସେଲର ଓଲାଫ୍ ସ୍କଲଜ୍ ଆଜିଠାରୁ ତିନି ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହି ଅବସରରେ ଶ୍ରୀ ସ୍କଲଜ୍ ଆସନ୍ତା ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସପ୍ତମ ଆନ୍ତଃ ସରକାରୀ ପରାମର୍ଶ -

ଆଇ.ଜି.ସି. ବୈଠକରେ ସହ-ଅଧ୍ୟକ୍ଷତା କରିବେ । ଆଇ.ଜି.ସି. ହେଉଛି ଉଭୟ ଦେଶର ସରକାରୀ ସ୍ତରର ଏକ ମିଳିତ କାର୍ଯ୍ୟ ମଞ୍ଚ, ଯେଉଁଠାରେ କି ବିଭିନ୍ନ କ୍ଷେତ୍ରରେ ଭାଗିଦାରୀ ତଥା ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ଦେଶର ସମ୍ପୃକ୍ତ ମନ୍ତ୍ରୀମାନେ ଆଲୋଚନା କରି ଏହାର ଫଳାଫଳ ନିଜର ପ୍ରଧାନମନ୍ତ୍ରୀ ଏବଂ ଚାନ୍‌ସେଲରଙ୍କୁ ଅବଗତ କରାଇଥାନ୍ତି ।

ଏହାଛଡ଼ା ଶ୍ରୀ ମୋଦୀ ଏବଂ ଶ୍ରୀ ସ୍କଲଜ୍ ଏହି ଅବସରରେ ଉଭୟ ଦେଶ ମଧ୍ୟରେ ସବୁଜ ଏବଂ ସ୍ଥାୟୀ ବିକାଶ ଭାଗିଦାରୀର ସଫଳ କାର୍ଯ୍ୟକାରିତା, ନିରାପତ୍ତା ଓ ପ୍ରତିରକ୍ଷା ସହଯୋଗ ବୃଦ୍ଧି, ଅର୍ଥନୈତିକ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଦ୍ୱିପକ୍ଷିୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ଉଭୟ ନେତା ଜର୍ମାନ ବ୍ୟବସାୟର ଅଷ୍ଟାଦଶ ଏସିଆ ପ୍ରଶାନ୍ତ ମହାସାଗରୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେବେ । ଭାରତ-ପ୍ରଶାନ୍ତ ମହାସାଗରୀୟ ଦେଶ ସମେତ ଜର୍ମାନ୍‌ର ମଧ୍ୟ ବହୁ ପ୍ରତିଷ୍ଠିତ ଶିଳ୍ପୋଦ୍ୟୋଗୀ, ରାଜନୈତିକ ପ୍ରତିନିଧି ଓ ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଏହି ସମ୍ମିଳନୀରେ ଯୋଗଦେବେ । ଏହା ପ୍ରତି ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ ।

## ରାଜନାଥ - ଚାଣକ୍ୟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀରେ ଚାଣକ୍ୟ ପ୍ରତିରକ୍ଷା ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ଆନ୍ତର୍ଜାତିକ କର୍ମଶାଳାରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତ ଲକ୍ଷ୍ୟ ହାସଲ

ଦିଗରେ 'ବିକାଶ ଓ ନିରାପତ୍ତା ଲାଗି ଭାରତର ଦୃଷ୍ଟିକୋଣ' ସମ୍ପର୍କିତ ପ୍ରସଙ୍ଗରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏତଦ୍‌ବ୍ୟତୀତ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ଏବଂ ଦେଶଗଠନ ଦିଗରେ ଭାରତୀୟ ସେନାର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ସେନାଧ୍ୟକ୍ଷ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ମଧ୍ୟ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିବେ । ଏହି ଦୁଇଦିନିଆ ସମ୍ମିଳନୀରେ ଭାରତ ସମେତ ଯୁକ୍ତରାଷ୍ଟ୍ର ଆମେରିକା, ରୁଷ୍, ଇସ୍ରାଏଲ୍ ଓ ଶ୍ରୀଲଙ୍କାର ନୀତି ନିର୍ଦ୍ଧାରକ, ବୁଦ୍ଧିଜୀବୀ, ପ୍ରତିରକ୍ଷା ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ଅଂଶଗ୍ରହଣ କରିବେ ।

## ପଟେଲ୍ ଜୟନ୍ତୀ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ୨୦୨୪ରୁ ୨୦୨୬ ମସିହା ପର୍ଯ୍ୟନ୍ତ ଦୁଇବର୍ଷ ଧରି ଦେଶବ୍ୟାପୀ ପାଳନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠା ଏବଂ କାଶ୍ମୀରରୁ ଲାକ୍ଷାଦ୍ୱୀପ ପର୍ଯ୍ୟନ୍ତ ଭାରତକୁ ଏକାଠି କରିବା ଦିଗରେ ସର୍ଦ୍ଦାର ପଟେଲ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅବିସ୍ମରଣୀୟ । ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଦୁଇ ବର୍ଷ ଧରି ଦେଶବ୍ୟାପୀ ଏହି ଉତ୍ସବ ପାଳନ କରିବେ । ଏହି ଉତ୍ସବ ସର୍ଦ୍ଦାର ପଟେଲ୍‌ଙ୍କ ଉଲ୍ଲେଖନୀୟ ସଫଳତା ଏବଂ ଦେଶର ଅଖଣ୍ଡତା ଲାଗି ଥିବା ତାଙ୍କ ଭାବନା ପ୍ରତି ଏକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ଶାହା ଉଲ୍ଲେଖ କରିଛନ୍ତି ।

## ସାଇକ୍ଲୋନ୍ - ଦାନା

କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ଦାନା' ଇତିମଧ୍ୟରେ ଭୀଷଣ ଘୂର୍ଣ୍ଣିଝଡ଼ର ରୂପ ନେଇଛି । ଗତ ୬ଘଣ୍ଟା ମଧ୍ୟରେ ସାମୁଦ୍ରିକ ଝଡ଼ ଘଣ୍ଟାପ୍ରତି ୧୫ କିଲୋମିଟର ବେଗରେ ଉତ୍ତର ଉତ୍ତର-ପଶ୍ଚିମ ଦିଗକୁ ଗତିକରୁଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସାମୁଦ୍ରିକ ଝଡ଼ ଦାନା ଆଜି ସକାଳ ୪ଟା ସୁଦ୍ଧା ପାରାଦ୍ୱୀପଠାରୁ ଦକ୍ଷିଣ-ପୂର୍ବ ଦିଗରେ ୨୮୦ କିଲୋମିଟର, ଧାମରାଠାରୁ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୩୧୦ କିଲୋମିଟର ଏବଂ ପଶ୍ଚିମବଙ୍ଗର ସାଗରଦ୍ୱୀପଠାରୁ ୩୭୦ କିଲୋମିଟର ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ କେନ୍ଦ୍ରୀଭୂତ ରହିଛି ।

'ଦାନା' ଆଜି ରାତିରୁ ଆସନ୍ତାକାଲି ସକାଳ ମଧ୍ୟରେ ଭିତରକନିକା-ଧାମରା ମଧ୍ୟରେ ସ୍ଥଳଭାଗ ସ୍ପର୍ଶ କରି ପୁରୀ ଓ ସାଗରଦ୍ୱୀପ ମଧ୍ୟ ଦେଇ

ଅତିକ୍ରମ କରିବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ସାମୁଦ୍ରିକ ଝଡ଼ ଦାନାର ସ୍ଥଳଭାଗ ଛୁଇଁବା ପ୍ରକ୍ରିୟା ୫ ଘଣ୍ଟା ଧରି ଚାଲିବ ।

ଏହି ସମୟରେ ଅତିପ୍ରବଳ ବର୍ଷା ହେବା ସହିତ ପବନର ବେଗ ୧୦୦ରୁ ୧୧୦ କିଲୋମିଟର ରହିବ । ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ୧ ମିଟର ଉଚ୍ଚତାର ଜୁଆର ଆସିବାର ସମ୍ଭାବନା ରହିଛି ।

ତେବେ ଆସନ୍ତାକାଲି ପର୍ଯ୍ୟନ୍ତ ଏହାର ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ଜଣାପଡ଼ିଛି ।

ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ଧାମରା, ପାରାଦ୍ୱୀପ ଏବଂ ପୁରୀରେ ୧୦ନମ୍ବର ବିପଦ ସଙ୍କେତ ଦିଆଯାଇଥିବାବେଳେ ଗୋପାଳପୁର ବନ୍ଦରରେ ୮ ନମ୍ବର ବିପଦ ସଙ୍କେତ ଦିଆଯାଇଛି ।

ଆଜି ସଂଧ୍ୟାରୁ ଆସନ୍ତାକାଲି ସକାଳ ୯ଟା ପର୍ଯ୍ୟନ୍ତ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ବିମାନ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି ।

## ବେଙ୍ଗାଲୁରୁ କୋଲାପ୍ସ

ବେଙ୍ଗାଲୁରୁରେ ଗତ ବୁଧବାର ଦିନ ଏକ ଅଟ୍ଟାଳିକା ଭୁଷୁଡ଼ି ପଡ଼ିବା ଯୋଗୁଁ ୭ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ପୋଷ୍ଟ କରି ଶ୍ରୀ ମୋଦି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏତଦ୍‌ବ୍ୟତୀତ ଶ୍ରୀ ମୋଦି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ଫର୍ମର୍ ଆକାଶବାଣୀ ଡି.ଜି

ଆକାଶବାଣୀ ସମ୍ବାଦ ବିଭାଗର ପୂର୍ବତନ ମହାନିର୍ଦ୍ଦେଶକ ପି.କେ. ବନ୍ଦୋପାଧ୍ୟାୟଙ୍କର ଗତକାଲି କୋଲ୍‌କାତାଠାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ପୂର୍ବତନ ଭାରତୀୟ ସୂଚନା ସେବା ଅଧିକାରୀ ଡକ୍ଟର ବନ୍ଦୋପାଧ୍ୟାୟ ଆକାଶବାଣୀ ସମ୍ବାଦ ବିଭାଗ, ପତ୍ର ସୂଚନା କାର୍ଯ୍ୟାଳୟ ସମେତ

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ବିଭାଗରେ ସଫଳତାର ସହ କାର୍ଯ୍ୟ କରି ବେଶ୍ ପ୍ରଶଂସିତ ହୋଇଥିଲେ ।

## କ୍ରିକେଟ୍

ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆଜିଠାରୁ ପୁଣେଠାରେ ଆରମ୍ଭ ହେବ । ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ସକାଳ ସାଢ଼େ ୯ଟା ସମୟରେ ଏହି ମ୍ୟାଚ୍ ଆରମ୍ଭ ହେବ । ଉଭୟ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଛି । ଏଥିସହିତ ନ୍ୟୁଜିଲାଣ୍ଡ ୧-୦ରେ ଏହି ସିରିଜ୍ ଅଗ୍ରଣୀ ରହିଛି ।

## ଟେନିସ୍

ଅଷ୍ଟ୍ରିଆର ଭିଏନାଠାରେ ଚାଲିଥିବା ଭିଏନା ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍‌ସ୍ ବର୍ଗର କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଆଜି ଭାରତ-ଅଷ୍ଟ୍ରେଲୀୟ ଯୋଡ଼ି ରୋହନ ବୋପାନ୍ନା ଓ ମାଥିଉ ଏବ୍‌ଡେନ୍‌ଙ୍କ ସହିତ

ବ୍ରିଟେନ୍ ଏବଂ ନ୍ୟୁଜିଲାଣ୍ଡ ଯୋଡ଼ି ନିଲ୍ ସ୍କୁପ୍‌ସ୍କି ଓ ମାଇକେଲ୍ ଭେନସ୍‌ଙ୍କର ମୁକାବିଲା ହେବ । ଭାରତୀୟ ସମୟ ଅପରାହ୍ଣ ୪ଟା ୫୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।

*****